## ବିଦ୍ୟୁତ୍ କର୍ମଚାରୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା

ହାତୀଓଟ (ରଞ୍ଜୟ ପାଣିଗ୍ରାହୀ): ଭଞ୍ଜନଗର ଅଞ୍ଚଳର ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ବିଦ୍ୟୁତ୍ ମିଟର ରିଡିଂ କରିବାକୁ ଯାଇଥିବା ବେଳେ ଜଣେ ଉପଭୋକ୍ତାଙ୍କ ଆକ୍ରୋଶର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ଏନେଇ ପୋଲସରା ସବଡିଭିଜନର ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ ଏବଂ ମିଟର ରିଡର୍ କର୍ମଚାରୀମାନେ ବୁଧବାର ମୃତ କର୍ମଚାରୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଦୁଇ ମିନିଟ ନିରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରିଥିଲେ। ସନ୍ଧ୍ୟାରେ ବିଦ୍ୟୁତ ବିଭାଗର ସମସ୍ତ କର୍ମଚାରୀ ଏକାଠି ହୋଇ ମା’ ରତନୀ ମନ୍ଦିର ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟରୁ କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ବାହାରି ପୋଲସରା ସହର ପରିକ୍ରମା କରିଥିଲେ।

### ସଂକ୍ଷେପରେ

## ବସ୍‌ଷ୍ଟପ୍ ଉଦ୍‌ଘାଟିତ

ବୁଗୁଡ଼ା,୧୧।୮ (କାଳି ଚରଣ ଦାଶ)

ବୁଗୁଡ଼ା ଏନ୍‌ଏସି ୭ନଂ ୱାର୍ଡ ଅନ୍ତର୍ଗତ ଗୁଣ୍ଡୁଗୁଣିଆ ସାହିକୁ ସ୍ମାର୍ଟ ଷ୍ଟ୍ରିଟରେ ପରିଣତ କରିବା ପରିକଳ୍ପନାକୁ ଆଧାର କରି ସାହି ଛକରେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମିତ ବସ୍‌ଷ୍ଟପ୍ ଏବଂ ସୋଲାର ଆଲୋକୀକରଣ ବ୍ୟବସ୍ଥାକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଉଦଘାଟନ କରିଛନ୍ତି। ଏଥିସହ ଚାରାରୋପଣ ମାଧ୍ୟମରେ ଘରଟିଏ-ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ମୁକ୍ତା ଯୋଜନାର ସଫଳ ରୂପାୟନ ନିମନ୍ତେ ଯୁବ କାଉନସିଲର ଆଶୁତୋଷ ବଡେଇଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଧାୟକଙ୍କ ସହ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ, ସାହି ସଭାପତି ସନ୍ତୋଷ କୁମାର ପଣ୍ଡା, ବିଜେଡି ନଗର ସଭାପତି କେ.ତ୍ରିଲୋଚନ ଦୋରା ଓ ଜିଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ସମ୍ପାଦକ ମନୋରଞ୍ଜନ ଦାଶ ଏବଂ ବିଭିନ୍ନ ୱାର୍ଡର କାଉନସିଲରମାନେ ଯୋଗ ଦେଇ ଚାରାରୋପଣ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ୱାର୍ଡ ନଂ-୭ ଅନ୍ତର୍ଗତ ମୁଖ୍ୟ ସଡକ କଡରେ ବୁଗୁଡ଼ା ସହରର ପ୍ରଥମ ସ୍ମାର୍ଟ ପରିସ୍ରାଗାର ପ୍ରତିଷ୍ଠା କରି କାଉନସିଲର ଚର୍ଚ୍ଚାରେ ରହିଥିଲେ।

## ଆଇକନିକ ଓଏଭି ଭାବେ ଚୟନ ହେଲେ ଗୋରୁ ଚାର୍ମି

ପାରଳାଖେମୁଣ୍ଡି/ଗୋସାଣି (ଗିରିଧାରୀ ପରିଛା, ପ୍ରଶାନ୍ତ କୁମାର ରାଉତ), ୧୧।୮ :



ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନା ଅନ୍ତର୍ଗତ ଲିଙ୍ଗିପୁର ଗ୍ରାମରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଗୁରାଣି ଗ୍ରାମର ଗୋରୁ ଚାର୍ମି ଆଇକନିକ ଓଏଭି ଚୟନ ହୋଇଛନ୍ତି। ଚାର୍ମିଙ୍କ ବାପାଙ୍କ ନାମ ଗୋରୁ ମୁରଲି କ୍ରିଷ୍ଣା ଏବଂ ମା’ଙ୍କ ନାମ ଗୋରୁ ତେଜେଶ୍ୱରୀ। ତାଙ୍କ ପିତା ଜଣେ ବ୍ୟବସାୟୀ ଏବଂ ମଧ୍ୟବିତ୍ତ ପରିବାର ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ, ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ବିଦ୍ୟାଳୟ ମେଧାବୀ ଛାତ୍ରୀଛାତ୍ରଙ୍କ ଲାଗି ଏକ ନିଶ୍ଚିତ ଭବିଷ୍ୟତ ଗଢି ତୋଳିବା ଲାଗି ଆଇକନିକ ଭାବେ ଚୟନ କରିଥାଏ। ଆଇକନିକ ଚୟନ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ଲାଗି ସମସ୍ତ ବ୍ୟବସ୍ଥା କରୁଥିବା ଜଣାପଡିଛି। ଚୟନ ହେବା ପରେ ଏହି ଛାତ୍ରଛାତ୍ରୀ ତଥା ପିଲାମାନେ ଭୁବନେଶ୍ୱରରେ ରହି ନିଟ, ଜେଇଇ ଭଳି ଉଚ୍ଚ ସମ୍ପର୍ଣ୍ଣ ପାଠ୍ୟକ୍ରମରେ ପ୍ରବେଶିକା ପାଇଁ ସମ୍ପୂର୍ଣ୍ଣ ମାଗଣାରେ ସ୍ୱତନ୍ତ୍ର କୋଚିଂ ପ୍ରଦାନ କରାଯାଇଥାଏ । ଚାର୍ମିଙ୍କ ଏଭଳି ସଫଳତାକୁ ନେଇ ତାଙ୍କ ପିତାମାତାଙ୍କ ସମେତ ଗ୍ରାମବାସୀ ଖୁସିଥିବାବେଳେ ଲିଙ୍ଗିପୁରସ୍ଥ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ରଞ୍ଜନ କାର୍ଯ୍ୟୀ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନେ ଅଭିନନ୍ଦନ ଜଣାଇଛନ୍ତି।

## ୧୦ ଦଫା ଦାବି ନେଇ ସରପଞ୍ଚ ସଂଘର ସ୍ମାରକପତ୍ର

ଆର,ଉଦୟଗିରି, ୧୧।୮ (ମନୋଜ କୁମାର ପାଢୀ):

ବିଭିନ୍ନ ଦାବି ନେଇ ଗଜପତି ଜିଲା ଆର.ଉଦୟଗିରି ପଞ୍ଚାୟତ ସମିତି ସରପଞ୍ଚ ସଂଘ ପକ୍ଷରୁ ବିଡିଓ ଲରିମନ ଖର୍ସେଲଙ୍କ ଜରିଆରେ ଜିଲାପାଳଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ସରକାର ଦାବି ପୂରଣ ନକଲେ ଗଜପତି ଜିଲାର ସମସ୍ତ ସରପଞ୍ଚ ଏକତ୍ର ହୋଇ ରାଜରାସ୍ତାରେ ଓହ୍ଲାଇବେ ବୋଲି ଆର.ଉଦୟଗିରି ସରପଞ୍ଚ ସଂଘ ଚେତାବନୀ ଦେଇଛି। କୁମୁଦିନୀ ଗମାଙ୍ଗ, ଫୁଲମତି ରଇତ, ଗିତାନୀ ମଣ୍ଡଳ, ଜାମେସ ରାଇକା, ସନ୍ତୋଷୀ ପାଇକ, ଡାଲିମ୍ବ ରଇତ, ଶ୍ରୀଧର ପ୍ରଧାନ, ସସ୍ମିତା କାଜି ଓ ଅନ୍ୟ ସରପଞ୍ଚମାନେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ହୁମ୍ମା ଓଭରବ୍ରିଜ କାର୍ଯ୍ୟ ଆରମ୍ଭ

ଗଞ୍ଜାମ,୧୧।୮ (ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ୧୬ ନମ୍ବର ଜାତୀୟ ରାଜପଥ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ବିଳମ୍ବ ନେଇ ବାରମ୍ବାର ଖବର ପ୍ରକାଶ ପାଇଥିଲା। ପ୍ରକାଶ ପାଇବା ପରେ ପ୍ରଶାସନର ତତ୍ପରତା ଦେଖିବାକୁ ମିଳିଛି। ଦୀର୍ଘ ମାସ ହେବ ଅର୍ଦ୍ଧ ନିର୍ମିତ ଭାବେ ପଡ଼ିରହିବା ଯୋଗୁଁ ସେଠାରେ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ଶୁକ୍ରବାର ତହସିଲଦାର ଅରୁଣ କୁମାର ନାୟକ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ସେଠାରେ ତିନିକୋଣିଆ ଛକ ରହିଥିବା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଜନ ପ୍ରତିନିଧି ଧ୍ରୁବଚରଣ ପଲାଇ ଓ ଅଞ୍ଚଳବାସୀଙ୍କ ସହ ଆଲୋଚନା ବେଳେ ଜାଣିବାକୁ ପାଇଛନ୍ତି। ଅନ୍ୟପଟେ ସେଠାରେ ରହିଥିବା ବିଦ୍ୟୁତ ବିଭାଗ ଷ୍ଟକ୍ଚରକୁ ହୁମ୍ମା ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରିବା ନେଇ ସ୍ଥାନ ଚିହ୍ନଟ କରାଯିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ତହସିଲଦାର। ସେଠାରେ ତୁରନ୍ତ ବିଦ୍ୟୁତ କାର୍ଯ୍ୟ ସ୍ଥାନାନ୍ତର ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେବା ପରେ କାର୍ଯ୍ୟ ଆରମ୍ଭ ହୋଇଥିଲା।

# ୧୬ରେ ଆଇଆରଇଏଲ୍ ପ୍ଲାଣ୍ଟ ଆଗରେ ଧାରଣା

## ଛଟେଇ ଧମକକୁ ଶ୍ରମିକଙ୍କ ବିରୋଧ

ଛତ୍ରପୁର,୧୧।୮ (ସନ୍ତୋଷ ପାଢ଼ୀ)

ଛତ୍ରପୁର ଉପକଣ୍ଠସ୍ଥିତ ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇଏଲ) ପ୍ଲାଣ୍ଟରେ ଥିବା ସମସ୍ତ ବିଭାଗରେ ଥିବା କଣ୍ଟ୍ରାକ୍ଟର ଓ ଅଧିକାରୀମାନେ କାମ ଦେବା ବଦଳରେ ଛଟେଇ କରିବାକୁ ଧମକ ଦେଉଥିବା ଶ୍ରମିକମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦ ସହ ସମସ୍ୟାର ସମାଧାନ ଦାବିରେ ଆସନ୍ତା ୧୬ ତାରିଖରେ ପ୍ଲାଣ୍ଟ ଫାଟକ ସମ୍ମୁଖରେ ଶ୍ରମିକମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଶୁକ୍ରବାର ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ଗତ ୭ ତାରିଖରେ ଆଇଆରଇଏଲ ପ୍ଲାଣ୍ଟରେ ଥିବା



ସ୍ମାରକପତ୍ର ଦେବାକୁ ଆସିଥିବା ଶ୍ରମିକମାନେ।

ସମସ୍ତ କଣ୍ଟ୍ରାକ୍ଟର ଓ ଅଧିକାରୀଙ୍କୁ ଭେଟି କାର୍ଯ୍ୟରୁ ଛଟେଇ ନ କରି କାମ ଯୋଗାଇବା ପାଇଁ ଶ୍ରମିକମାନେ ଦରଖାସ୍ତ ଦେଇଥିଲେ। ୫ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଜଣାଇଥିଲେ। ତେବେ ୫ ଦିନ ପରେ ବି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଯଦ୍ୱାରା ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟ କୌଣସି ଆୟ ପନ୍ଥା ନ ଥିବାରୁ ପରିବାର ଚଳାଇ ହେଉନି। କର୍ତ୍ତୃପକ୍ଷ କାମ ଯୋଗାଇବା ବଦଳରେ ହଇରାଣ କରୁଛନ୍ତି ଓ ଚାକିରିରୁ ଛଟେଇ କରିଦେବେ ବୋଲି ନୋଟିସ ଦେଉଛନ୍ତି । ତେଣୁ ପ୍ରତ୍ୟେକ ମୁହୂର୍ତ୍ତରେ ଆଶଙ୍କାରେ ରହୁଛୁ ବୋଲି ଶ୍ରମିକମାନେ କହିଛନ୍ତି । ତେଣୁ ଆସନ୍ତା ୧୬ରୁ ଦାବି ହାସଲ ନ ହେବା ପର୍ଯ୍ୟନ୍ତ ଆଇଆରଇଏଲ ପ୍ଲାଣ୍ଟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବସିବୁ। କାହାର କୌଣସି କ୍ଷତି ହେଲେ ଆଇଆରଇଏଲ କର୍ତ୍ତୃପକ୍ଷ ଓ କଣ୍ଟ୍ରାକ୍ଟର ଦାୟୀ ରହିବେ ବୋଲି ଶ୍ରମିକମାନେ ଲିଖିତ ଭାବେ ଜଣାଇଛନ୍ତି ।

## ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ




ମୋହନା,୧୧।୮ (ମନ୍ମଥ ମିଶ୍ର)

ସ୍ଥାନୀୟ ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଭୟ +୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ସଭାପତି ରୂପେ +୨ ଅଧ୍ୟକ୍ଷ ସୀମାଞ୍ଚଳ ସାହୁ ଯୋଗ ଦେଇଥିଲେ। ଉକ୍ତ ସମାରୋହରେ ମୁଖ୍ୟ ଅତିଥି ରୂପେ ଅଧ୍ୟାପକ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଭଗବାନ ବିଷୋୟୀ ଯୋଗ ଦେଇଥିଲେ। ଅଧ୍ୟାପକ ଅନିଲ କୁମାର ତ୍ରିପାଠୀ, ଡା.ଅନ୍ତର୍ଯ୍ୟାମୀ ଗୌଡ଼, ନୀଳାଞ୍ଚଳ ରଥ, ଅଭୟକାନ୍ତ ପାଣିଗ୍ରାହୀ, କାଲୁ ଜେନା, କାମାକ୍ଷା ପ୍ରସାଦ ପଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସାଂସ୍କୃତିକ ଉପଦେଷ୍ଟା ଅଧ୍ୟାପକ ଏସ. ରମେଶ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଗ୍ରନ୍ଥାଗାରିକ ଗୋପାଳ ଚନ୍ଦ୍ର ପଟନାୟକ, ଆଶିଷ ଅଧିକାରୀ ଓ ସୁରଜ ପାତ୍ର। ଶେଷରେ ଗୋପାଳ ଚନ୍ଦ୍ର ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶ୍ରମ ସ୍କୁଲ ବୁଲି ଦେଖିଲେ ଖାଦ୍ୟ ଆୟୋଗ ଅଧ୍ୟକ୍ଷ




ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ବିଦ୍ୟାଳୟ ପରିଦର୍ଶନ ।

ଖଜୁରୀପଡ଼ା,୧୧।୮ (ବିଦୁର ବେହେରା):

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଶୁକ୍ରବାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦୁତିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଦୁତିମେଣ୍ଡି ପଞ୍ଚାୟତର ଲମ୍ବାଗୁଡ଼ି ସରକାରୀ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବା ଖାଦ୍ୟ ଉପରେ ପଚାରି ବୁଝିଥିଲେ ଏବଂ ସ୍କୁଲରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଫୁଡ୍ କମିଶନରଙ୍କ ସ୍କୁଲ ପରିଦର୍ଶନ ସମୟରେ ଖଜୁରୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପୋମା ଘୋଷ ଏବଂ ଫୁଲବାଣୀ ଉପଜିଲାପାଳ ଶେଷଦେବ ମିଶ୍ର ମଧ୍ୟ ସ୍କୁଲ ପରିଦର୍ଶନ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କମିଶନର ଅବନୀକାନ୍ତ ସାହୁଙ୍କୁ ସ୍କୁଲର ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ। ଲମ୍ବାଗୁଡ଼ି ସ୍କୁଲରେ ଶିକ୍ଷୟିତ୍ରୀ ଶିକ୍ଷକ ରହିବା ଏବଂ ଛାତ୍ରୀଛାତ୍ରମାନଙ୍କ ପାଠାଶାଳାକୁ ମରାମତି କିମ୍ବା ନୂତନ ଗୃହ ନିର୍ମାଣ କରିବା ନିମନ୍ତେ କମିଶନରଙ୍କ ନିକଟରେ ପ୍ରଧାନ ଶିକ୍ଷକ କୁମାର ଚନ୍ଦ୍ର ପାଢ଼ୀ ଅବଗତ କରିଥିବା ବେଳେ ଖଜୁରୀପଡ଼ା ବିଡିଓ ଅନୁପମା ଘୋଷ ସମସ୍ୟାର ସମାଧାନ କରିବା ନିମନ୍ତେ ଚେଷ୍ଟା କରିବି ବୋଲି କହିଥିଲେ।

## ଗୋକର୍ଣ୍ଣପୁର ସମିତି ସଭ୍ୟ ଉପନିର୍ବାଚନ, କୃଷ୍ଣଚନ୍ଦ୍ର ବିଜୟୀ

ଦିଗପହଣ୍ଡି,୧୧।୮ (ଅଶେଷ ନାଥ ମିଶ୍ର):



ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ସମିତି ସଭ୍ୟ ଉପ ନିର୍ବାଚନରେ କୃଷ୍ଣଚନ୍ଦ୍ର ସେଠୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅସିତ କୁମାର ସାହୁଙ୍କୁ ୪୭୫ ଭୋଟରେ ପରାଜିତ କରି ବିଜୟୀ ହୋଇଛନ୍ତି। ଗୋକର୍ଣ୍ଣପୁର ପଞ୍ଚାୟତର ସମିତିସଭ୍ୟା ଭାବେ ନିର୍ବାଚିତ ହୋଇ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ହୋଇଥିବା ସୁନୀତା ସେଠୀଙ୍କ ମୃତ୍ୟୁ ପରେ ଉପନିର୍ବାଚନର ଆବଶ୍ୟକତା ପଡିଥିଲା। ତାଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ସମିତି ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଜୁଲାଇ ୧୭ରେ ୬ ଜଣ ସମିତି ସଭ୍ୟ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ ୨ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରି ନେଇଥିଲେ। ଗତ ବୁଧବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଭୋଟ ଗଣତି ହୋଇଥିଲା। କୃଷ୍ଣଚନ୍ଦ୍ର ସର୍ବାଧିକ ୨୩୦୦ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅସିତ ୧୮୨୫ ଭୋଟ ପାଇଥିଲେ। ସେହିପରି ତୃତୀୟ ସ୍ଥାନରେ ବି. ରାମହରି ଦୋରା ୧୪୬ ଭୋଟ ପାଇଥିବା ବେଳେ ଅନ୍ୟତମ ପ୍ରାର୍ଥୀ ବାଇନାଥ ଦୋରା ମାତ୍ର ୪୬ ଟି ଭୋଟ ପାଇଥିବା ବେଳେ ୯୨ ଟି ବାଲାଟ ରିଜେକ୍ଟ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ଦିଗପହଣ୍ଡି ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ ଜଣାଇଛନ୍ତି। ଭୋଟ ଗଣତି ସମୟରେ ତହସିଲଦାର ସିପକ କୁମାର ପାତ୍ର, ଅତିରିକ୍ତ ତହସିଲଦାର ସନାତନ ମହାଳିକ, ଏବିଡିଓ ପ୍ରଶାନ୍ତ କୁମାର ରଥ, ଜିପିଓ ଉମେଶ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ପ୍ରମୁଖ ସହଯୋଗ କରିଥିଲେ। ଟିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ଦିଗପହଣ୍ଡି ଥାନା ଆଇଆଇସି ଦିପ୍ତୀରଞ୍ଜନ ବେହେରା ସୁରକ୍ଷା ଦାୟିତ୍ୱରେ ଥିଲେ।

## କଲଭର୍ଟ ନିର୍ମାଣ ନାଁରେ ଅର୍ଥ ଚଳୁ ଅଭିଯୋଗ

ପୋଲସରା,୧୧।୮ (ସୁବ୍ରତ ବେହେରା):



ନାମ ଫଳକ ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତରେ କାର୍ଯ୍ୟର ନାମ ସୀତା ବନବାସ ରୋଡ ଠାରୁ କଲେଜ ନିକଟବର୍ତ୍ତୀ ପାଣି ଟାଙ୍କି ନିକଟରେ ୨୦୨୩-୨୪ରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କଲଭର୍ଟ ନିର୍ମାଣ ଫଳକ ଲାଗିଥିଲା।ସାମଗ୍ରୀ ଅଂଶ ୪ ଲକ୍ଷ ଟଙ୍କା ଲେଖା ଯାଇଥିବା ବେଳେ ଅଣ କୁଶଳୀ ଶ୍ରମିକ ଅଂଶ ୪୨୦, ଦୈନିକ ମଜୁରୀ ୨୩୭ ଟଙ୍କା ଲେଖାଯାଇଛି। କିନ୍ତୁ କାର୍ଯ୍ୟର ଆରମ୍ଭ ଆଉ ଶେଷ ତାରିଖ ଲେଖା ଯାଇନଥିବା ଦେଖିବାକୁ ମିଳିଛି। କଲଭର୍ଟ କାମ ନ କରି ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୧୮ ହଜାର ୨୭୭ ଟଙ୍କା ଉଠାଣ ହୋଇଥିବା ଅନଲାଇନରେ ଦର୍ଶାଯାଇଛି। ଉକ୍ତ କଲଭର୍ଟ ନାମରେ କୌଣସି ପ୍ରୋଜେକ୍ଟ ହୋଇନାହିଁ ବୋଲି କହିଛନ୍ତି ଏପିଓ ଯଶବନ୍ତ କହଁର ଓ ଉକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର।

## ବିଦ୍ୟାଳୟରେ ପୋଷାକ ବଣ୍ଟନ



କୋଦଳା,୧୧।୮ (ଅମିତ୍ ପଟ୍ଟନାୟକ)

କୋଦଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ଦେବେନ୍ଦ୍ର କୁମାର ପାଣ୍ଡି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟଦେବ ଜେନା, ସିଆର୍‌ସିସି ବିଷ୍ଣୁ ପ୍ରସାଦ ସିଂ, ବିଦ୍ୟାଳୟ କମିଟି ଉପସଭାପତି ଶୈଳ ବିଶୋଇ, ସଭ୍ୟ ସୂର୍ଯ୍ୟ ନାରାୟଣ ପାଢ଼ୀ ପ୍ରମୁଖଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଛି।

# ବର୍ଷା ପାଇଁ ବୃଷଭଙ୍କୁ ଜଳାଭିଷେକ



କବିସୂର୍ଯ୍ୟନଗର, ୧୧।୮ (କୃପାସିନ୍ଧୁ ସ୍ୱାଇଁ):

ଅନାବୃଷ୍ଟି କାରରୁ ଚାଷୀକୁଳ ହତାଶ । ରୁଆ ପୋଡି କାରଣରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ଆକାଶକୁ ଚାହିଁ ବସିଛି, କାଳେ ଭଗବାନ କରୁଣାରୁ ବର୍ଷା ହୋଇଯିବ । ଶୁକ୍ରବାର କବିସୂର୍ଯ୍ୟନଗର ମହାଦେବ ଶ୍ରୀଜଟେଶ୍ୱର ମହାପ୍ରଭୁଙ୍କ ବାହାନ ଶ୍ରୀବୃଷଭଙ୍କୁ ମନ୍ଦିର ପରିସରରେ ଯଥାରୀତି ପୂଜାବିଧି କରାଯାଇଥିଲା। ପୁରୋହିତ ମନୋଜ କୁମାର ମିଶ୍ର, ବିଭୂନନ୍ଦନ ପଣ୍ଡା ଓ ଶରତ କୁମାର ଶତପଥୀ ପୂଜକର୍ମାଦୀ ସମାପନ କରିଥିଲେ। ଜଳାଭିଷେକ, ଇନ୍ଦ୍ରଇନ୍ଦ୍ରାଣୀ ଆଦି ପୂଜା କରାଯାଇଥିଲା । କର୍ତ୍ତାଭାବେ ରବିନ୍ଦ୍ରନାଥ ପରିଡା ଓ ସ୍ତ୍ରୀ ଲାବଣ୍ୟବତୀ ଏବଂ ଅନ୍ୟତମ କର୍ତ୍ତା ଭାବେ ହୃଷିକେଶ ସ୍ୱାଇଁ ଓ ସହଧର୍ମିଣୀ ପୁଷ୍ପାଞ୍ଜଳି ପୂଜାକର୍ମ ତୁଲାଇଥିଲେ। ଏକ ସୁସଜ୍ଜିତ ଗାଡ଼ିରେ ଶ୍ରୀବୃଷଭଙ୍କୁ ନଗର ପରିକ୍ରମା କରି ଯଟେଶ୍ୱର ପୋଖରୀରେ ଜଳାଭିଷେକ କରାଯାଇଛି । ଉତ୍ସବରେ ବିଜୟ କହଁର, ଶତ୍ରୁଘ୍ନ କହଁର, ଭିକାରୀ ଚରଣ ସ୍ୱାଇଁ, ଶତ୍ରୁଘ୍ନ ସ୍ୱାଇଁ, ଅଶୋକ ଦଳାଇ, ସୁବାସଚନ୍ଦ୍ର ଜେନା, ଗୌରୀଶଙ୍କର ଶାସମଲ, ଦେବୀପ୍ରସାଦ ସ୍ୱାଇଁ, ଇ. ମାହେଶ୍ୱରୀ ଦୋରା, ମନ୍ମଥ ପରିଡା, ବ୍ରହ୍ମାନନ୍ଦ ଆଚାରୀ, ଯଟେଶ୍ୱର ପଳତା, ହୀନ ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ଦୟା ପଳତା ସମେତ ଚାଷୀକୁଳ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

## ତାରାତାରିଣୀ ପୀଠ ରାସ୍ତାରୁ ଜବରଦଖଲ ଉଚ୍ଛେଦ

ପୁରୁଷୋତ୍ତମପୁର,୧୧।୮ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ମୁଖ୍ୟ ଗେଟରୁ ମନ୍ଦିର ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ରାସ୍ତାରେ ଜବରଦଖଲ କରି ରହିଥିବା ଦୋକାନୀମାନଙ୍କୁ ଉଚ୍ଛେଦ ଲାଗି ପୂର୍ବରୁ ନୋଟିସ କରି ୩୦ ଦିନ ମହଲତ ଦିଆଯାଇଥିଲା। ଏହି ଅବଧି ମଧ୍ୟରେ କେତେଜଣ ହଟିଥିଲେ ମଧ୍ୟ କେତେଜଣ ହଟି ନ ଥିଲେ। ଶୁକ୍ରବାର ପୂର୍ତ୍ତବିଭାଗ ପକ୍ଷରୁ ବ୍ରହ୍ମପୁର - ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାର ତାରାତାରିଣୀ ଛକଠାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ପୁରୁଷୋତ୍ତମପୁର ତହସିଲଦାର ସନ୍ତୋଷ କୁମାର ସାହୁ ଓ ପୋଲିସ ଫୋର୍ସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ୭ କି.ମି. ରାସ୍ତା ପାଇଁ ୧୨ କୋଟି ୯୪ ଲକ୍ଷ ଟଙ୍କାରେ ବ୍ୟୟ ବରାଦ କରାଯାଇଛି। ଗତବର୍ଷ ଠାରୁ ରାସ୍ତାର କାର୍ଯ୍ୟ ଜାରି ରହିଛି। ରାସ୍ତା କାମର ଅବଧି ଶେଷ ହୋଇଥିବା ବେଳେ ଜବରଦଖଲ ଉଚ୍ଛେଦ ହୋଇ ନ ଥିବା ଯୋଗୁ କାମ ବିଳମ୍ବ ହେଉଥିଲା। ଏବେ ଖୁବଶୀଘ୍ର ରାସ୍ତା କାମ ଶେଷ ହେବ ବୋଲି କହିଛନ୍ତି ବିଭାଗୀୟ ଅଧିକାରୀ।

## ମୁକ୍ତା ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ



କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି।

ବାଲିଗୁଡା,୧୧।୮ (ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡା ଏନ୍‌ଏସି ତରଫରୁ ସ୍ଥାନୀୟ ସଭାଗୃହ ଠାରେ ମୁକ୍ତା ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପଧ୍ୟକ୍ଷା ଶାନ୍ତି ନାୟକ, ଏମଆଇ କେଦାରନାଥ ଚୌଧୁରୀ ଯୋଗଦେଇଥିଲେ। ଏନଏସିର ସମସ୍ତ ୱାର୍ଡର ମହଳା ସ୍ୱୟଂ ସହାୟକ ଗୋଷ୍ଠୀ ଅତିଥିମାନଙ୍କ ଠାରୁ ମୁକ୍ତା କାର୍ଯ୍ୟାଦେଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ମୁକ୍ତା ସଂଯୋଜକ ପ୍ରଭାତ କୁମାର ଘଡେଇ ପରିଚାଳନା କରିଥିଲେ । ସମସ୍ତ କାଉନସିଲର ସମେତ ସିଟି ମିଶନ ମ୍ୟାନେଜର ସୁଧାଂଶୁ ମୋହନ ହୋତା, ଏମଆଇଏସ କମ୍ବୁପାଣି ପାଣିଗ୍ରାହୀ, ମୁକ୍ତା ଯନ୍ତ୍ରୀ ଜଗଦୀଶ ବାରିକ ସମେତ ଏନଏସିର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ସାଧାରଣ ଜନତାଙ୍କୁ ପୋଲିସ ଗିରଫ କରିବାରୁ ନିବୃତ ରହୁ

ଫୁଲବାଣୀ, ୧୧।୮ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଡି ଘଟଣାରେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଉଛି । ଘଟଣାରେ ସମ୍ପୃକ୍ତ ନ ଥିବା ନିରୀହ ଲୋକଙ୍କୁ ନିର୍ଯାତନା ଦେବା ସହ ଅମାନୁଷିକ ଭାବେ ମାଡ ମାରି ଗିରଫ କରୁଛି । ପୋଲିସ ଏଥିରୁ ନିବୃତ ରହି ଯେଉଁମାନେ ଘଟଣାରେ ସାମିଲ ଅଛନ୍ତି ସେମାନଙ୍କୁ ଗିରଫ କରୁ ବୋଲି ଫୁଲବାଣୀ କୁଇ ସମାଜ ସେବା ସମିତି କର୍ମକର୍ତ୍ତା ଶୁକ୍ରବାର ସମିତି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଥାନା ପୋଡି ଘଟଣାକୁ ଆମେ ନିନ୍ଦା କରୁଛୁ। ହେଲେ ଯେଉଁ ଭିଡିଓ ଭାଇରାଲ୍ ନେଇ ଏଭଳି କାଣ୍ଡ ଘଟିଲା ତାହା ଉପରେ ପୋଲିସର ବରିଷ୍ଠ ଅଧିକାରୀ କିଛି ପଦକ୍ଷେପ ନେଲେ ନାହିଁ। ପୋଲିସ ଗଞ୍ଜେଇ ଜବତ କରିବା ଭଲ କଥା । ହେଲେ ପୋଲିସ ନିଜେ ସରକାରୀ ଗାଡିରେ ଗଞ୍ଜେଇ ବିକ୍ରି କରିବାକୁ ନେବା କେତେଦୂର ଯଥାର୍ଥ । ଏହି ଘଟଣାର ତଦନ୍ତ ହେଲା ନାହିଁ। ସେହିପରି ପୋଲିସ ଗଞ୍ଜେଇ ଜବତ ନାଁରେ ଗ୍ରାମରେ ପଶି ଲୋକଙ୍କ ଘରୁ ସୁନା ଗହଣା ଲୁଟିଲା । ପୋଲିସର ଏତାଦୃଶ କାର୍ଯ୍ୟକୁ ନେଇ ଲୋକେ ସଂଗଠିତ ହେଲେ । ଫଳରେ ଏତେ ବଡ କାଣ୍ଡ ଘଟିଲା । ପ୍ରକୃତରେ ଏହି ଘଟଣାରେ ଯେଉଁମାନେ ସାମିଲ ଅଛନ୍ତି ପୋଲିସ ସେମାନଙ୍କୁ ଗିରଫ କରିବାରେ ଆମର କୌଣସି ଆପତ୍ତି ନାହିଁ। କିନ୍ତୁ ନିରୀହ ଲୋକଙ୍କୁ ପୋଲିସ ନିର୍ଯାତନା ଦେବା ବନ୍ଦ କରୁ। ଫିରିଙ୍ଗିଆ ଥାନା ଦାୟିତ୍ୱରେ ଥିବା ତପନ୍ କୁମାର ନାହକଙ୍କ ଏତଲା ଅନୁଯାୟୀ ୮୫ ଜଣ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି। କିନ୍ତୁ ଆହୁରି ଅନ୍ୟାନ୍ୟ ୩୦୦ ଜଣ ଏଥିରେ ଉଲ୍ଲେଖ କରାଯାଇଛି । ଏହି ୩୦୦ ଜଣ କିଏ ବୋଲି କୁଇ ସମାଜ ପ୍ରଶ୍ନ ଉଠାଇଛି । ପୋଲିସ ଜାଣିଶୁଣି ଏଭଳି କରିଛି ବୋଲି ସେମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଗିରଫ ବ୍ୟକ୍ତିଙ୍କୁ ପଶୁ ପରି ମାଡ ମରାଯିବା ମାନବିକ ଅଧିକାରର ଉଲ୍ଲଂଘନ କରୁଛି। ତେଣୁ ସେମାନଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ନୀରିହ ଲୋକଙ୍କୁ ଗିରଫ ନ କରିବାକୁ ଆମେ ଦାବି କରୁଛୁ । ଏହା ହେଲେ ୧୫ ଦିନ ମଧ୍ୟରେ ଅଞ୍ଚଳରେ ଶାନ୍ତି ଫେରିଆସିବ ବୋଲି କୁଇ ସମାଜ ସେବା ସମିତି ସଭାପତି ସୁଦର୍ଶନ କହଁର ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସମ୍ପାଦକ ଇଂ ଅବନୀ କୁମାର କହଁର, କୋଷାଧ୍ୟକ୍ଷ ଭବିନ୍ଦ୍ର କହଁର, ନାରୀ ସଭାନେତ୍ରୀ ସୌଦାମିନୀ କହଁର, ସାଂସ୍କୃତିକ ସମ୍ପାଦକ ବିରେନ୍ଦ୍ର କହଁର, ସଦସ୍ୟ ପଞ୍ଚାନନ କହଁର, ଗୋଲକ ବିହାରୀ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ଥିତି ଅନୁଧ୍ୟାନକଲା ବିଜେଡି ପ୍ରତିନିଧି ଦଳ

ଫିରିଙ୍ଗିଆ,୧୧।୮ (ବିକ୍ରମ ଦିଗାଲ):

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ପୋଡି ଘଟଣାର ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣା ବିଷୟରେ ଥାନା ଅଧିକାରୀ ଓ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସହ ଆଲୋଚନା କରିଛନ୍ତି ବିଜୁ ଜନତା ଦଳର ୭ ଜଣିଆ ପ୍ରତିନିଧି ଦଳ। ବିଜେଡି ଜିଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ବିଜୟ ନାଏକଙ୍କ ନେତୃତ୍ୱରେ ଏହି ଟିମ ଫିରିଙ୍ଗିଆ ଗସ୍ତ କରିଥିବା ବେଳେ ଏହି ଟିମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ବିଜେଡି ଯୁବ ସଭାପତି ତଥା ଏମପି ପ୍ରତିନିଧି ବିଷ୍ଣୁଚରଣ ମଲିକ, ଜିଲା ଛାତ୍ର ସଭାପତି ସୁନୀଲ ସେଠି, ଜିଲା ସଭାପତି ସରୋଜ କର୍ଣ୍ଣ, ଜିଲା ସାଧାରଣ ସମ୍ପାଦକ କମଳ ବେହେରା ସାମିଲ ଥିଲେ । ତେବେ ଏହି ଟିମ ଶୁକ୍ରବାର ସକାଳୁ ଫିରିଙ୍ଗିଆ ରେ ପହଞ୍ଚି ବନ୍ଧସାହି, ନୁଆଁପଦର, ବିଲୁପଦର, ଡ଼ଙ୍ଗେରିକିଆ ଗାଁକୁ ଯାଇ ଥାନା ପୋଡି ମାମଲାରେ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ପରିବାର ଲୋକଙ୍କୁ ଭେଟି ଆଲୋଚନା କରିଥିଲେ। ସନ୍ଧ୍ୟାରେ ଏହି ଟିମ ଫିରିଙ୍ଗିଆ ଥାନାକୁ ଆସି ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ସହ ଆଲୋଚନା କରିବା ସହ ପୋଡ଼ିଯାଇଥିବା ଥାନାକୁ କିଭଳି ଭାବରେ ଶୀଘ୍ର କାର୍ଯ୍ୟକ୍ଷମ କରିହେବ ସେନେଇ ଆଲୋଚନା କରିଥିଲେ। ଏହି ଘଟଣାରେ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନିର୍ଦ୍ଦୋଷମାନଙ୍କୁ ମାମଲାରୁ ଦୂରେଇ ରଖିବା ପାଇଁ ଆଲୋଚନା କରିଥିଲେ।

## ଆଜି କ'ଣ କେଉଁଠି

ସୋରଡ଼ା

- ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା। ସ୍ଥାନ-ସରସତୀ ଶିଶୁ ମନ୍ଦିର, ସମୟ-ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଭଞ୍ଜନଗର କୋର୍ଟର ପ୍ରଥମ ରାୟ, ଅଭିଯୁକ୍ତ ଖଲାସ

**ଗଞ୍ଜେଇ ଚୋରା ଚାଲାଣ ମାମଲା**

ଭଞ୍ଜନଗର,୧୧।୮(ବାବୁଲା ପ୍ରଧାନ)

୨୦୨୦ରୁ ଭଞ୍ଜନଗର ସ୍ୱତନ୍ତ୍ର କୋର୍ଟରେ ଏନଡିପିଏସ୍ ମାମଲା ଗୁଡ଼ିକର ବିଚାର ଆରମ୍ଭ ହୋଇଛି। ଏହାପୂର୍ବରୁ ଉକ୍ତ ମାମଲାଗୁଡ଼ିକ ବ୍ରହ୍ମପୁର କୋର୍ଟରେ ହେଉଥିଲା। ଶୁକ୍ରବାର ଏକ ଏନଡିପିଏସ୍ ମାମଲାର ରାୟ ପ୍ରକାଶ ପାଇଛି, ଯାହାକି ଏହି କୋର୍ଟର ପ୍ରଥମ ରାୟ। ଭଞ୍ଜନଗର ଏଡିଜେ (ସ୍ୱତନ୍ତ୍ର ଅଦାଲତ) ଦେବଦତ୍ତ ପଟ୍ଟନାୟକ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ଶୁକ୍ରବାର ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ସେ ହେଲେ ଜଗନ୍ନାଥପ୍ରସାଦର ସନାତନ ନାସ। ୨୦୨୦ରେ ସନାତନ ଜିରାବାଡ଼ି ନିକଟସ୍ଥ ଛେଲାଖାଇ ନିକଟରେ ୧୦୦ କେଜି ଗଞ୍ଜେଇ ଧରି ଚାଲାଣ ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଜଗନ୍ନାଥପ୍ରସାଦ ପୋଲିସ ଖବରପାଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। ସନାତନ ସେବେଠାରୁ ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରରେ ବନ୍ଦୀ ଜୀବନ ବିତାଉଥିଲେ। ମୁଦଲାଙ୍କ ପକ୍ଷରୁ ଆଇନଜୀବୀ ଅଶୋକ ଗୌଡ଼ (ସି) ଏବଂ ପିତବାସ ବିଷୋୟୀ ମୋକଦ୍ଦମା ପରିଚାଳନା କରୁଥିଲେ।

### କିଶୋର ନ୍ୟାୟ ପରିଷଦ ଦ୍ୱାରା ନାବାଳକ ଦଣ୍ଡିତ

ପାରଳାଖେମୁଣ୍ଡି,୧୧।୮ (ଗିରିଧାରୀ ପରିଛା)

କିଶୋର ନ୍ୟାୟ ପରିଷଦ ଶୁକ୍ରବାର ଏକ ହତ୍ୟା ମାମଲାର ବିଚାର କରି ପ୍ରିନ୍ସପାଲ ମାଜିଷ୍ଟ୍ରେଟ ସତ୍ୟବ୍ରତ ରଣା ଏବଂ ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜଣେ ନାବାଳକଙ୍କୁ ୨ ବର୍ଷ ୩ ମାସ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉକ୍ତ ନାବାଳକଙ୍କ ଚରିତ୍ରରେ ସୁଧାର ଆଣିବା ଲାଗି ପାଠପଢ଼ା ଓ ଦକ୍ଷତା ବୃଦ୍ଧି ପାଇଁ ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ଆବାସରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାଟିକୁ ସରକାରୀ ଓକିଲ ପାଣ୍ଡଲା ପ୍ରସାଦ ରାଓ ଏବଂ ନାବାଳକଙ୍କ ତରଫରୁ ରଜତ କୁମାର ପାତ୍ର ପରିଚାଳନା କରୁଥିଲେ। ଏହି ମାମଲାଟି ରାୟଗଡ ଥାନାରେ କେସ ନମ୍ବର ୫୪ ତା ୧୩।୬।୨୧ ୟୁଏସ ୩୦୩/୩୪ ଭାରତୀୟ ପିଙ୍ଗଳ କୋର୍ଟ ଦଫା ଅନୁଯାୟୀ ମକଦ୍ଦମା ଚାଲିଥିଲା।

### ଫେରାର୍ ଅଭିଯୁକ୍ତ ଜେଲଗଲେ

**ଛାତ୍ରୀଙ୍କୁ ଅସଦାଚରଣ ମାମଲା**

ଦିଗପହଣ୍ଡି,୧୧।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୋଲିସ ଶୁକ୍ରବାର କୃଷ୍ଣ ବେହେରା ନାମକ ଜଣେ ଯୁବକଙ୍କୁ ଗିରଫ କରି ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ବୁଧବାର ଯୁକ୍ତ ୨ ପଢୁଥିବା ନାବାଳିକା ଛାତ୍ରୀ ଜଣଙ୍କୁ ଅଭିଯୁକ୍ତ ଘରେ ପଶି ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଗିରଫ ଅଭିଯୁକ୍ତ ଥିଲେ। ପୋଲିସ ମୋବାଇଲ ଟ୍ରାକିଂ କରି ତାଙ୍କୁ ଗିରଫ କରିଥିଲା ।

# ପୋଲିସ କବ୍‌ଜାରେ ୫ଜଣିଆ ଲୁଟେରା ଗ୍ୟାଙ୍ଗ୍

- ୧୩ ବାଇକ୍, ୫୭ ମୋବାଇଲ ଫୋନ୍ ଜବତ
- ଗଞ୍ଜେଇ ଚାଲାଣରେ ବ୍ୟବହାର ହେଉଥିଲା ଚୋରି ଗାଡ଼ି

ବ୍ରହ୍ମପୁର,୧୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋଲିସ ଟିମ ୫ଜଣିଆ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି। ସେମାନଙ୍କ ମଧ୍ୟରେ ୨ଜଣ ଲିଡ଼ର ଥିବାବେଳେ ଦୁଇଜଣ ନାବାଳକ ଅଛନ୍ତି। ଅଭିଯୁକ୍ତମାନେ ଏମ୍‌କେସିଜି ମେଡିକାଲ, କମାପଲ୍ଲୀ ଭେଣ୍ଡିଂଜୋନ ଅଞ୍ଚଳରେ ଲୋକଙ୍କ ଗାଡି ଓ ମୋବାଇଲ ଫୋନ୍ ଚୋରି କରୁଥିଲେ। ସେମାନଙ୍କ ନିକଟରୁ ୧୩ଟି ବାଇକ୍ ଓ ୫୭ଟି ମୋବାଇଲ ଫୋନ୍ ଜବତ କରିଥିବା ଶୁକ୍ରବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଗୋଟିଏ ଗ୍ୟାଙ୍ଗରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁରର ଏଲ. ଶିବା ରେଡ୍ଡୀ (୨୬) ଲିଡ଼ର ଥିବା ବେଳେ ଅନ୍ୟ ଗ୍ୟାଙ୍ଗକୁ ପାଟପୁର ଥାନା ଅନ୍ତର୍ଗତ କଙ୍କରଡ଼ାର ଶ୍ରୀକାନ୍ତ ପାଢ଼ୀ(୩୦) ଚଳାଉଥିଲେ। ଅନ୍ୟ ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଥାନା ଅନ୍ତର୍ଗତ ଆଲିଆବାଦର ଉପେନ୍ଦ୍ର ନାୟକ। ୩ ଅଭିଯୁକ୍ତଙ୍କୁ ମାମଲା ନମ୍ବର ୩୭୦/୨୩ରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ୨ ନାବାଳକଙ୍କୁ ବୈଦ୍ୟନାଥପୁର ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ରେ ହାଜର କରିଛି। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଯାଇଛି। ଲୁଟେରା ଗ୍ୟାଙ୍ଗ ଏମ୍‌କେସିଜିକୁ ଆସୁଥିବା ରୋଗୀ ସମ୍ପର୍କୀୟଙ୍କୁ ଟାର୍ଗେଟ କରୁଥିଲେ। ଏଥିରେ କେତେଜଣ ସୁରକ୍ଷାକର୍ମୀଙ୍କ ସହଯୋଗ ରହିଥିବା ଅଭିଯୁକ୍ତଙ୍କୁ ଜେରା ବେଳେ ଜଣାପଡ଼ିଛି। ରୋଗୀ ସମ୍ପର୍କୀୟମାନେ ରାତିରେ ଶୋଇପଡିବା ପରେ ଲୁଟେରାମାନେ ସୁରକ୍ଷାକର୍ମୀଙ୍କ ସହାୟତାରେ ମେଡିକାଲରେ ପଶି ସେମାନଙ୍କର ମୋବାଇଲ ଗୁଡିକ ଚୋରି କରୁଥିଲେ ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ସେହିପରି ମେଡିକାଲ ପରିସରରୁ ରୋଗୀ ସମ୍ପର୍କୀୟଙ୍କ ବାଇକଗୁଡିକକୁ ମଧ୍ୟ ସେମାନେ ଚୋରାଇ ନେଇ କମ୍ ଦାମରେ ବିକ୍ରି କରୁଥିଲେ। କେତେକ ବାଇକକୁ ଲୁଟିଆ ଗ୍ୟାଙ୍ଗ ଗଞ୍ଜେଇ ଚାଲାଣରେ ବ୍ୟବହାର କରୁଥିଲେ ବୋଲି ଏସପି କହିଛନ୍ତି। ଘଟଣାରେ ଆଉ ଯେଉଁମାନଙ୍କର ସମ୍ପୃକ୍ତି ଥିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଯେଉଁମାନଙ୍କର ମୋବାଇଲ ଫୋନ୍ ଓ ଗାଡ଼ି ଚୋରି ହୋଇଛି ସେମାନେ ଗାଡ଼ି ଓ ଫୋନର କାଗଜପତ୍ର ନେଇ ବୈଦ୍ୟନାଥପୁର ଥାନାକୁ ଯିବାପାଇଁ ଏସ୍‌ପି ଖବରଦାତାଙ୍କ ଜରିଆରେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଏମ୍‌କେସିଜି ମେଡିକାଲ ଓ ଆଖପାଖ ଅଞ୍ଚଳରେ ବାରମ୍ବାର ଗାଡ଼ି ଓ ମୋବାଇଲ ଚୋରି ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ପରେ ଏସପିଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ ହୋଇଥିଲା। ଗୁରୁବାର ପୋଲିସ ଟିମ ଗାଡ଼ି ଧରି ଯାଉଥିବା ଜଣେ ନାବାଳକଙ୍କୁ ଅଟକାଇ କାଗଜପତ୍ର ଯାଞ୍ଚ କରିବା ବେଳେ ତାହା ଚୋରି ଗାଡ଼ି ବୋଲି ଜଣାପଡିଥିଲା। ପରେ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ଲୁଟେରା ଗ୍ୟାଙ୍ଗକୁ କାବୁ କରିଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ନିତିଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଜୈବିକ, ପ୍ରାକୃତିକ କୃଷି ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଉପସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଓ ଅନ୍ୟମାନେ।

ବ୍ରହ୍ମପୁର/ଗୋପାଳପୁର୧୧।୮ (ସ୍ମୃତି ରଞ୍ଜନ ମହାଲିକ/ନବୀନରାଜ ଆଚାରୀ)

କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରଣାଳୟର ଆଞ୍ଚଳିକ ଜୈବିକ କୃଷି କେନ୍ଦ୍ର ଦ୍ୱାରା ପ୍ରାୟୋଜିତ ୨ ଦିନିଆ ଜୈବିକ ଓ ପ୍ରାକୃତିକ କୃଷି ସମ୍ପର୍କିତ କର୍ମଶାଳା ଗୋଳନ୍ଥରାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ ଅଧ୍ୟକ୍ଷତା କରି ସାଂପ୍ରତିକ ପରିସ୍ଥିତିରେ ଜୈବିକ ଓ ପ୍ରାକୃତିକ କୃଷି ଉପାଦେୟତା ସଂପର୍କରେ ଆଲୋଚନା କରିଥିଲେ। ଫସଲରେ ଅତ୍ୟଧିକ ରାସାୟନିକ ଔଷଧ ବଦଳରେ ବିଭିନ୍ନ ଅଣ ରାସାୟନିକ ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ଆଞ୍ଚଳିକ ଜୈବିକ କୃଷି କାର୍ଯ୍ୟାଳୟର ଗବେଷଣା ଅଧିକାରୀ ଡ ବିନୟ ଯୋଗ ଦେଇ ଜୈବିକ ଔଷଧର ପ୍ରସ୍ତୁତି ପ୍ରକ୍ରିୟା ବିଧି ଓ ଉପଯୋଗ ପ୍ରଣାଳୀ ଉପରେ ସଚେତନ କରାଇଥିଲେ। କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ ଦେବାଶିଷ ଷଡଙ୍ଗୀ ରାସାୟନିକ ସାର ପ୍ରୟୋଗ ଦ୍ୱାରା ମୃତ୍ତିକାର ଅନ୍ତର୍ନିହିତ ଗୁଣର ଅବକ୍ଷୟ ହେଉଥିବା କହିଥିଲେ। କେନ୍ଦ୍ରର ଶସ୍ୟ ବିଜ୍ଞାନ ବୈଜ୍ଞାନିକ ସସ୍ମିତା ପ୍ରିୟଦର୍ଶିନୀ ଜୈବିକ କୃଷିଜାତ, ପଦାର୍ଥର ପଞ୍ଜୀକରଣ, ବିକ୍ରୟ ସୁବିଧା ଉପରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ ଆଗାମୀ ଦିନରେ ପରମ୍ପରାଗତ କୃଷି ଯୋଜନା ଓ ଭାରତୀୟ କୃଷି ଯୋଜନାର ଏହି ପ୍ରଶିକ୍ଷଣ ସଫଳ ହେବ ବୋଲି କହିଥିଲେ। କର୍ମଶାଳାରେ ଜିଲାର ବିଭିନ୍ନ ବ୍ଲକରୁ ୨୦ଜଣ କୃଷି ଅଧିକାରୀ ଓ ଆତ୍ମା ପରିଚାଳକ ଯୋଗ ଦେଇଥିଲେ। ଜିଲା ଆତ୍ମାର ଉପନିର୍ଦ୍ଦେଶକ ସୁଜିତ ମହାପାତ୍ର ଓ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଏବଂ କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଗିରଫ ହେଲେ ଜାଲ ସାର୍ଟିଫିକେଟ ଶିକ୍ଷୟିତ୍ରୀ

ହିଞ୍ଜିଳିକାଟୁ,୧୧।୮(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ବ୍ଲକରେ ଜଣେ ଶିକ୍ଷୟିତ୍ରୀ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ଶୁକ୍ରବାର ଗିରଫ ହୋଇଛନ୍ତି। ସେ ହେଲେ ଲତିକା ବରଡ। ହିଞ୍ଜିଳିକାଟୁ ବ୍ଲକ ଶ୍ୟାମଳାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପୋଡିଙ୍ଗିରେ ସେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ସାର୍ଟିଫିକେଟ ଯାଞ୍ଚ ବେଳେ ଜାଲିଆତି ହୋଇଥିବା ଜଣାପଡ଼ିଥିଲା। ହିଞ୍ଜିଳିକାଟୁ ବିଇଓ ଏସ ଗିରିଧର ଗତ ନଭେମ୍ବର ୨୧ ତାରିଖରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୬୪୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶିକ୍ଷୟିତ୍ରୀ ଜଣଙ୍କ ଫେରାର ଥିଲେ। ଶୁକ୍ରବାର ହିଞ୍ଜିଳି ପୋଲିସ ତାଙ୍କୁ ଗିରଫ କରିଛି। ପ୍ରକାଶ ଯେ, ବ୍ରହ୍ମପୁର ଗାନ୍ଧୀନଗର ଅଞ୍ଚଳର ସଞ୍ଜୟ କୁମାର ଦାଶ ୨୦୨୧ ଅଗଷ୍ଟରେ ଜାଲ ସାର୍ଟିଫିକେଟ ଦାଖଲ କରି ଶିକ୍ଷୟିତ୍ରୀ ଲତିକା ଚାକିରି କରିଥିବା ଅଭିଯୋଗ କରିଥିଲେ। ତେଣୁ ଶିକ୍ଷୟିତ୍ରୀ ବରଡ଼ଙ୍କ ପ୍ରମାଣପତ୍ର ଗୁଡ଼ିକର ବୈଧତା ନେଇ ଯାଞ୍ଚ ହୋଇଥିଲା। ଯାଞ୍ଚ ପରେ ଶିକ୍ଷୟିତ୍ରୀଙ୍କ ଯୁକ୍ତ ୨ ବିଜ୍ଞାନ ସାର୍ଟିଫିକେଟ ମାର୍କସିଟ ଜାଲ ବୋଲି ଜଣାପଡ଼ିଥିଲା। ଗଞ୍ଜାମ ଶିକ୍ଷାଧିକାରୀ ଜାଲ ସାର୍ଟିଫିକେଟ ଦାଖଲ କରି ଚାକିରି କରିଥିବା ଶିକ୍ଷୟିତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଗତବର୍ଷ ନଭେମ୍ବର ୧୭ରେ ଚିଠିରେ ଜଣାଇଥିଲେ। ଶିକ୍ଷୟିତ୍ରୀ ଜଣକ କିଛି ଦିନ ଧରି ସ୍କୁଲରୁ ଛୁଟି ନେଇ ଚାଲିଯାଇଥିଲେ। ଜାଲ ସାର୍ଟିଫିକେଟ ଦେଇଥିବା ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟରୁ ବରଖାସ୍ତ ପାଇଁ ପ୍ରକ୍ରିୟା କରାଯାଇଥିଲା ।

# ଡାକ୍ତର ନିଯୁକ୍ତି ଓ ୨୪ ଘଣ୍ଟିଆ ଅଲଟ୍ରାସାଉଣ୍ଡ ସେବାକୁ ଗୁରୁତ୍ୱ

ବ୍ରହ୍ମପୁର,୧୧।୮(ସୁବାସ ଚନ୍ଦ୍ର ପାଢ଼ୀ)

**ଏମ୍‌କେସିଜିରେ ଡିଏମ୍‌ଇଟିଙ୍କ ସମୀକ୍ଷା**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ଭେଷଜ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ (ଡିଏମ୍‌ଇଟି) ପ୍ରଫେସର ଡା.ସଚ୍ଚିଦାନନ୍ଦ ମହାନ୍ତି ସମୀକ୍ଷା କରିଛନ୍ତି। ମେଡିକାଲ କଲେଜ ଟେଲିମେଡିସିନ ସମ୍ମିଳନୀ କକ୍ଷରେ ଡିନ୍, ଅଧୀକ୍ଷକ, ରେଜିଷ୍ଟ୍ରାର ଓ ସମସ୍ତ ବିଭାଗ ମୁଖ୍ୟଙ୍କୁ ନେଇ ସେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏମକେସିଜିରେ ଏବେ ୪୦ ପ୍ରତିଶତ ଡାକ୍ତର ପଦବୀ ଖାଲିପଡିଛି। ଫଳରେ ବିଭିନ୍ନ ବିଭାଗରେ ରୋଗୀ ଚିକିତ୍ସାରେ ସମସ୍ୟା ହେଉଛି। ଏହାର ସମାଧାନ କରିବାକୁ ଡାକ୍ତରଙ୍କୁ ଠିକା ଭିତ୍ତିରେ ନିଯୁକ୍ତି କରିବାକୁ ସେ କହିଥିଲେ। ପିଜି ଛାତ୍ର ସଂସଦ ପକ୍ଷରୁ ରୋଗୀଙ୍କୁ ୨୪ଘଣ୍ଟିଆ ଅଲଟ୍ରାସାଉଣ୍ଡ ସେବା ଯୋଗାଇବାକୁ କୁହାଯାଇଥିଲା। ପୂର୍ବରୁ ଆରଡିସିଙ୍କୁ ମଧ୍ୟ ପିଜି ଛାତ୍ର ସଂସଦ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲ। ଡାକ୍ତର ଓ ଟେକ୍ନିସିଆନ ସମସ୍ୟା ଦୂର କରି ୨୪ଘଣ୍ଟିଆ ଅଲଟ୍ରାସାଉଣ୍ଡ ସେବା ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ଏବେ ଏମ୍‌କେସିଜିରେ ଥିବା ୧୩ଟି ହଷ୍ଟେଲ୍ ଅସୁରକ୍ଷିତ ଅବସ୍ଥାକୁ ଗତିକରୁଛି। ବହୁ ହଷ୍ଟେଲରେ ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା ହୋଇପଡିଛି। ସେ ସବୁ ତୁରନ୍ତ ମରାମତି କରିବାକୁ ଡିଏମ୍‌ଇଟି କହିଥିଲେ। ଏବେ ଏମକେସିଜିରେ ସିଟ୍ ବୃଦ୍ଧି ପରେ ହଷ୍ଟେଲ୍ ସମସ୍ୟା ରହିଛି। ନୂଆ ହଷ୍ଟେଲ୍ ନିର୍ମାଣ ପାଇଁ ଟେଣ୍ଡର ସରିଥିବା ଖୁବଶୀଘ୍ର କାମ ଆରମ୍ଭ ହେବ। ପିଜି ପାଠ ପଢ଼ା ପରେ ଗୋଟିଏ ବର୍ଷ ସିନିୟର ରେସିଡେଣ୍ଟ ଭାବେ ଛାତ୍ରମାନେ କାମ କରୁଛନ୍ତି। ସେମାନଙ୍କୁ ସମୟନୁସାରେ ରିଲିଭ୍ କରାଯାଉନାହିଁ। ଯାହାଫଳରେ ସେମାନଙ୍କର ଉଚ୍ଚ ଶିକ୍ଷା ହେଉକି ଅନ୍ୟ କୋଉଠି ଚାକିରି କରିବାରେ ଅସୁବିଧା ହେଉଛି। ଏ ଦିଗରେ ଦୃଷ୍ଟି ଦେଇ ସମୟନୁସାରେ ସିନିୟର ରେସିଡେଣ୍ଟଙ୍କୁ ରିଲିଭ୍ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଡିଏମ୍‌ଇଟି ବ୍ରଜ କିଶୋର ଦାଶ, ଏମକେସିଜି ଡିନ୍ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ସୁଚିତ୍ରା ଦାଶଙ୍କ ସହ ସମସ୍ତ ବିଭାଗୀୟ ମୁଖ୍ୟ, ଛାତ୍ର ସଂସଦ କର୍ମକର୍ତ୍ତା, ପୂର୍ତ୍ତ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପାଣି ଅଭାବରୁ ଧାନତଳି ନଷ୍ଟ, ମରୁଡି ଘୋଷଣା ଦାବି

ବେଗୁନିଆପଡ଼ା/କୋଦଳା,୧୧।୮ (ସୁଶାନ୍ତ ପଟ୍ଟନାୟକ/ଅମିତ କୁମାର ପଟ୍ଟନାୟକ):

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କାଳିମେଘି, ମଠସରସିଂ, ସାନ ଉଦ୍ଧାପଡା, ବେରୁଆଁବାଡି ପଞ୍ଚାୟତରେ ଚାଷୀ ମାରୁଡ଼ି ଜଗତା ଘାଇ ପାଣି ଉପରେ ନିର୍ଭର କରି ଧାନଚାଷ ଆରମ୍ଭ କରିଥିଲେ। ହେଲେ ବର୍ଷା ଅଭାବ ଓ ଘାଇ ପାଣି ନ ଆସିବାରୁ ଶହ ଶହ ଏକର ଜମିରେ ତଳି ପୋଡି ଚାଷ ନଷ୍ଟ ହୋଇଯାଇଛି। ଏବେ ଆଉ ତଳି ପକାଇ ଚାଷ କରିବା ସମ୍ଭବ ନୁହେଁ। ଶୁକ୍ରବାର କୋଦଳା ତହସିଲଦାର ଓ କ୍ଷୁଦ୍ର ଜଳସେଚନ ଯନ୍ତ୍ରୀଙ୍କ ନିକଟରେ ଋଷିକୂଲ୍ୟା ରୟତ ମହାସଭା ଗଞ୍ଜାମ ଶାଖାର ଚାଷୀ ଏହି ସମସ୍ୟା ଜଣାଇବା ସହ ମାରୁଡି ଘାଇ ଅଧୀନରେ ଥିବା ଅଞ୍ଚଳକୁ ମରୁଡି ଘୋଷଣା କରିବା ପାଇଁ ଦାବି କରିଛନ୍ତି । ଏଥିସହ ଚାଷୀଙ୍କ ଋଣ ସଂପୂର୍ଣ୍ଣ ଛାଡ କରିବା ପାଇଁ ଦାବି କରିଛନ୍ତି। କୋଦଳା କ୍ଷୁଦ୍ର ଜଳସେଚନ କନିଷ୍ଠ ଯନ୍ତ୍ରୀ ଗଙ୍ଗାରାମ ଟୁଡୁ ଓ ତହସିଲଦାର ସସ୍ମିତା ଶତପଥୀଙ୍କୁ ଏ ନେଇ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

**ସୁପରଭାଇଜରଙ୍କୁ ହତ୍ୟା ଉଦ୍ୟମ ମାମଲା**

# ଅଭିଯୁକ୍ତଙ୍କୁ ୨ବର୍ଷ କାରାଦଣ୍ଡ

ବ୍ରହ୍ମପୁର,୧୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଷ୍ଣୁପ୍ରସାଦ ମିଶ୍ର ଏକ ହତ୍ୟା ଉଦ୍ୟମ ମାମଲାରେ ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୫ହଜାର ଜରିମାନା ଦେବାକୁ ରାୟ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୫ମାସ କାରାଦଣ୍ଡ ଭୋଗିବାକୁ ରାୟ ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଜରଡ଼ା ଥାନା ଖାରିଆଗୁଡ଼ାର କାଳିଆ କୁଣ୍ଡ ଓରଫ୍ ଠେସା କାଳିଆ(୪୨)। ଜରଡ଼ା ଥାନା ତୁରୁବୁଡ଼ି ଗ୍ରାମର ବୃନ୍ଦାବନ ସାହୁ ଜଣେ ଠିକାଦାର। ସେ ବିଭିନ୍ନ ରାସ୍ତା କାମ କରୁଥିଲେ। ତାଙ୍କ ପୁତୁରା ଦୁଷ୍ମନ୍ତ ସାହୁ ସୁପରଭାଇଜର ଭାବେ କାମ ତଦାରଖ କରୁଥିଲେ। ୨୦୦୮ ମେ'ରେ ଦୁଷ୍ମନ୍ତ ଚାନ୍ଦପୁର-ଗେଡ଼ଗାଁ ରାସ୍ତା କାମ ତଦାରଖ କରି ଫେରୁଥିବା ବେଳେ ରାସ୍ତାରେ ତାଙ୍କୁ କାଳିଆ ଅଟକାଇ ଗାଳିଗୁଲଜ କରିବା ସହିତ ବଟି ମାଗିଥିଲେ। ଦୁଷ୍ମନ୍ତ ଏହାର ପ୍ରତିବାଦ କରିବାରୁ କାଳିଆ ଏକ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଅକ୍ରୁର ଗୌଡ଼ ତାଙ୍କୁ ରକ୍ଷା କରିବାକୁ ଯାଇଥିବା ବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ବୃନ୍ଦାବନ କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନମ୍ବର ୩୨/୦୮ରେ ମାମଲା ରୁଜୁ କରିଥିଲା। କାଳିଆ ହାଇକୋର୍ଟରୁ ଜାମିନ୍ ପାଇଥିଲେ। ମାମଲାର ବିଚାର ବେଳେ ୮ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି କୋର୍ଟ ଅଭିଯୁକ୍ତ କାଳିଆକୁ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ସରିତା ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଝାରସୁଗୁଡାରୁ ୪ଦିନିଆ ରିମାଣ୍ଡରେ ଆଣି କୋର୍ଟରେ ହାଜର

ବ୍ରହ୍ମପୁର,୧୧।୮(ସୁବାସ ଚନ୍ଦ୍ର ପାଢ଼ୀ)

**ଚାକିରି ନାଁରେ ଠକେଇ**

ଗୋସାଇଁ ନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆ ଗ୍ରାମର ଗାୟତ୍ରୀ କୁମାରୀ ମଣ୍ଡଳଙ୍କଠାରୁ ଚାକିରି କରାଇ ଦେବା ନାମରେ ୧୩ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳର ଏକ ଦମ୍ପତିଙ୍କୁ କାବୁ କରିଥିଲା। ସେମାନେ ହେଲେ ଆରତି ତନ୍ତୀ ଓ ସ୍ୱାମୀ ନରେଶ ତନ୍ତୀ। ଝାରସୁଗୁଡା ଜେଏମଏଫସି କୋର୍ଟରେ ଉଭୟ ଦମ୍ପତିଙ୍କୁ ହାଜର କରି ୪ଦିନିଆ ରିମାଣ୍ଡରେ ବ୍ରହ୍ମପୁର ଆଣିଛି ପୋଲିସ। ସ୍ଥାନୀୟ ଏସଡ଼ିଜେଏମ କୋର୍ଟରେ ଉଭୟ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା।

# ଉତ୍କର୍ଷ ପ୍ରଶିକ୍ଷଣ ଉଦ୍‌ଯାପିତ



ଉତ୍କର୍ଷ କାର୍ଯ୍ୟକ୍ରମରେ ତାଲିମ ଗ୍ରହଣ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନେ।

ବ୍ରହ୍ମପୁର,୧୧।୮(ତନୁଶ୍ରୀ ନାହାକ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ସୋମବାରଠାରୁ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ଉତ୍କର୍ଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏଥିରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ବିଜ୍ଞାନ, ଗଣିତ, ଇଂରାଜୀ ଓ ସାହିତ୍ୟ ପାଠ୍ୟକ୍ରମକୁ ସରଳ ଓ ସହଜ ଭାବେ ଛାତ୍ରୀଛାତ୍ରଙ୍କ ନିକଟରେ ଉପସ୍ଥାପନ କରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲାସ୍ତରରେ ୩୮୩ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ପରିଚାଳନା କରିଥିଲେ। ବ୍ରହ୍ମପୁରରେ ବୁଧବାରଠାରୁ ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟ, ମେଡ଼ିକଲ କ୍ୟାମ୍ପସ ହାଇସ୍କୁଲ ଓ କୁଇନ ଅଫ ଦି ମିଶନ ହାଇସ୍କୁଲରେ ଉତ୍କର୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହାନଗର ନିଗମ ବିରୋଧରେ ଆନ୍ଦୋଳନ ନିଷ୍ପତ୍ତି

ବ୍ରହ୍ମପୁର,୧୧।୮(ନରସିଂହ ସାହୁ)

**ଗଞ୍ଜାମ ଭାଜପାର ସାଙ୍ଗଠନିକ ବୈଠକ**

ଗଞ୍ଜାମ ଜିଲା ଭାଜପାର ସାଙ୍ଗଠନିକ ବୈଠକ ଶୁକ୍ରବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେଡି ସରକାରଙ୍କ ଦୁର୍ନୀତି ଓ ଅମଲାତନ୍ତ୍ର ରାଜୁତି ବିରୋଧରେ ଆନ୍ଦୋଳନ ଚଳାଇବାର ନିଷ୍ପତ୍ତି ନିଆଯାଇଛି। ଗଞ୍ଜାମ ସାଙ୍ଗଠନିକ ଜିଲାର ସବୁ ବ୍ଲକ, ଏନଏସି ଓ ପଞ୍ଚାୟତସ୍ତରରେ ସରକାର ବିରୋଧରେ ବିକ୍ଷୋଭ ସମାବେଶ କରାଯିବ ବୋଲି ଘୋଷଣା କରାଯାଇଛି। ସଭାପତି ବିଭୂତି ଭୂଷଣ ଜେନା ଅଧ୍ୟକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୯ ବର୍ଷର ସଫଳ ଶାସନ ଗାଁ ଗଣ୍ଡାର ଘରେ ଘରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଥିଲେ। ଚଳିତ ମାସ ୧୩ରୁ ୧୫ ପର୍ଯ୍ୟନ୍ତ ୩ ଦିନ ତ୍ରିରଙ୍ଗା ଅଭିଯାନ ଚଳାଇବା ପାଇଁ ସଭାପତି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

ବୈଠକ ପରେ କୁହାଯାଇଛି ମହାନଗର ନିଗମରେ ଭ୍ରଷ୍ଟାଚାର ବଢ଼ିଚାଲିଛି। ଭିଜିଲାନ୍ସରେ ମାମଲା ରୁଜୁ ପରେ ବି କମୁନଥିବା ଉଦ୍‌ବେଗର କାରଣ ହୋଇଛି। ଗୋଷାଣି ନୂଆଗାଁ ସମେତ ବିଭିନ୍ନ ୱାର୍ଡରେ ନାଳନର୍ଦ୍ଦମା ନିର୍ମାଣ ନାଁରେ ଅଞ୍ଚଳବାସୀଙ୍କ ମତାମତ ନିଆନଯାଇ ମନଇଚ୍ଛା କରାଯାଉଛି। ଗୋଟିଏ ପଟେ ନାଳ ନିର୍ମାଣ ଦରଖଣ୍ଡିଆ ଥିବା ବେଳେ ଅନ୍ୟପଟରେ ଖୋଳାଯାଇ ବାସିନ୍ଦାଙ୍କୁ ଅଣନିଃଶ୍ୱାସୀ କରାଯାଉଛି। ନିଗମର ଇଞ୍ଜିନିୟରଙ୍କ ବିରୋଧରେ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ କରୁନଥିବାରୁ ସେମାନଙ୍କ ବେନିୟମ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି। ଆନ୍ଦୋଳନ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯିବ ଏବଂ ବିଜେଡି ସରକାର ଗାଦି ଛାଡ଼ ନାରା ଦିଆଯିବା ବୋଲି ସୂଚନା ଦିଆଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତିଙ୍କ ସମେତ ସରୋଜ ସାବତ, ସୁନୀଲ ସାହୁ, ମନୋଜ ପଟ୍ଟନାୟକ, ସୁବାସ ସାହୁ, ରାମ କୁମାର ପାତ୍ର, ରାମ ପ୍ରସାଦ ସାମଲ, ବିନୋଦ ମିଶ୍ର, ରାଜେସ ସାହୁ, ଗଙ୍ଗାଧର ଶତପଥୀ, ଗୋପିନାଥ ପଣ୍ଡା ଓ ଅନ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ ଏବଂ ଅନ୍ୟ ଛାମୁଆ ସଂଗଠନର ନେତ୍ରୀ ଓ ନେତାମାନେ ବୈଠକରେ ଉପସ୍ଥିତ ଥିଲେ।




ଭାଜପାର ସାଙ୍ଗଠନିକ ବୈଠକରେ ନେତାମାନେ।

